ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/SME(OD)/527/19-09-2025

# ସଫଳତାର ସହ ସମାପ୍ତ ହେଲା "ନିପୁଣ ସପ୍ତାହ" କାର୍ଯ୍ୟକ୍ରମ

## ଅଂଶଗ୍ରହଣ କଲେ ବହୁ ସଂଖ୍ୟକ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷାର୍ଥୀ

ଭୁବନେଶ୍ୱର, ୧୯  ସେପ୍ଟେମ୍ବର ୨୦୨୫:

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ "ନିପୁଣ ସପ୍ତାହ" କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଶେଷ ଦିନରେ ବିଦ୍ୟାଳୟଗୁଡ଼ିକରେ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି ହୋଇଥିଲା । ବହୁ ସଂଖ୍ୟକ ଅଭିଭାବକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ବିଶେଷ ଭାବେ ମା'ମାନଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ମା'ମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । କାହାଣୀ କହିବା ଅଧିବେଶନ ଏବଂ ପଠନ ପ୍ରୋତ୍ସାହନ କାର୍ଯ୍ୟକଳାପ ମାଧ୍ୟମରେ ଅଭିଭାବକମାନେ ଶିକ୍ଷାର୍ଥୀଙ୍କୁ ଘରେ ପାଠ ପଢ଼ାରେ କିପରି ସହଯୋଗ କରିପାରିବେ ସେ ବିଷୟରେ କୁହାଯାଇଥିଲା । ଏଥିସହ ଶିକ୍ଷାର୍ଥୀମାନଙ୍କ ରିପୋର୍ଟ କାର୍ଡ ପ୍ରଦର୍ଶିତ ହୋଇଥିଲା ।

କାର୍ଯ୍ୟକ୍ରମର ପ୍ରଥମ ଦୁଇ ଦିନ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷାର୍ଥୀମାନେ ଗଣିତ ଖେଳ, ସମସ୍ୟା ସମାଧାନ(Puzzle), ଗପ ଆଧାରିତ ଗଣିତ କାର୍ଡ  ବ୍ୟବହାର କରି ଉତ୍ସାହର ସହ ଗଣିତ କରିଥିଲେ । ତୃତୀୟ ଏବଂ ଚତୁର୍ଥ ଦିନ ମୌଳିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷାର୍ଥୀମାନେ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ମୌଖିକ ଭାଷା, ଡିକୋଡିଂ, ପଠନ ଓ ଲିଖନ କରିଥିଲେ ।

'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ସେମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ । କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଶିକ୍ଷାର୍ଥୀଙ୍କର ଶିଖିବା ପ୍ରତି ଆଗ୍ରହ ବୃଦ୍ଧି ପାଇଛି । ଖେଳ ମାଧ୍ୟମରେ ଗଣନ, ଯୋଗ, ବିୟୋଗ ଏବଂ ଅନ୍ୟାନ୍ୟ ଗାଣିତିକ ଧାରଣା ସହଜରେ ବୁଝିପାରୁଛନ୍ତି । କାହାଣୀ ଏବଂ ଶବ୍ଦ ଖେଳ, ସେମାନଙ୍କର ଭାଷା ଏବଂ ବୋଧଗମ୍ୟତା ଦକ୍ଷତାକୁ ଉନ୍ନତ କରୁଛି । ପିଲାମାନେ  ନିଜ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବା ସହ  ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ ଯେ,  ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୦୨୪ ମସିହା ସେପ୍ଟେମ୍ବର ୫ ତାରିଖରେ "ନିପୁଣ ଓଡ଼ିଶା"   ମିଶନର ଶୁଭାରମ୍ଭ କରିଥିଲେ । ୩ ବର୍ଷରୁ ୮ ବର୍ଷ ମଧ୍ୟରେ ପଢୁଥିବା ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ପ୍ରାଥମିକ ସ୍ତରରେ ପଢ଼ିବା, ଲେଖିବା ଏବଂ ଗଣିତରେ ଦକ୍ଷ କରିବା ଏହି ମିଶନର ଲକ୍ଷ୍ୟ । ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ କରିବା ପାଇଁ 'ନିପୁଣ ସପ୍ତାହ' ଏକ ଅଭିନବ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ଶିକ୍ଷାଦାନକୁ ସୃଜନଶୀଳ ଏବଂ ସମାବେଶୀ କରିବା ସହ ସମ୍ପ୍ରଦାୟକୁ  ବିଦ୍ୟାଳୟ ସହିତ ଯୋଡ଼ିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ରୋଜାଲିନ୍ ସାହୁ
ଲୋକସମ୍ପର୍କ ଅଧିକାରୀ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ